## ସଂକ୍ଷେପରେ

### ୩୮ ଦିନରେ ବଦଳିଲେ ଟାଉନ ଥାନାଧିକାରୀ

**ଢେଙ୍କାନାଳ ଅଫିସ,୧୯।୧୨:** ନିଯୁକ୍ତି ମିଳିବାର ୩୮ ଦିନ ମଧ୍ୟରେ ଢେଙ୍କାନାଳ ଟାଉନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ଶନିବାର ହଠାତ୍ ବଦଳି ହୋଇଛି। ଏଥିପୂର୍ବରୁ ସେ କାର୍ଯ୍ୟରତ ଥିବା ପରଜଙ୍ଗ ଥାନାରେ ତାଙ୍କୁ ପୁନର୍ବାରେ ଅବସ୍ଥାପିତ କରାଯାଇଛି। ତେବେ ହଠାତ୍ ଏଭଳି ବଦଳି କାହିଁକି ହୋଇଛି, ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଅନ୍ୟପଟେ ଦେବଗଡ଼ ଜିଲାରୁ ବଦଳି ହୋଇ ଆସିଥିବା ଇନ୍ସପେକ୍ଟର ରାଜେନ୍ଦ୍ର ମହାପାତ୍ର ରବିବାର ଟାଉନ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ପରଜଙ୍ଗ ଥାନାଧିକାରୀ ନମିତା ନାୟକଙ୍କ ଅନୁଗୋଳ ଜିଲାକୁ ବଦଳି ହୋଇଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ଯୁବକ ମୃତ

**ଢେଙ୍କାନାଳ ଅଫିସ, ୧୯।୧୨:** ଢେଙ୍କାନାଳ ସଦର ଥାନା ବଣସିଂହସ୍ଥିତ ମା' ପାଟରାଣୀ ମନ୍ଦିର ନିକଟରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ବାଇକ୍ ଦୁର୍ଘଟଣାରେ ବଳରାମ ବେହେରା (୩୭)ଙ୍କ ମୃତ୍ୟୁ ଘଟିଛି। ବଳରାମ ଅପରାହ୍ନରେ ଭାଟକାଟେଣୀ ଗ୍ରାମରୁ ବାଇକ୍‌ରେ ନିଜ ଘର ଆଡିଣ୍ଡାକୁ ଫେରୁଥିବା ବେଳେ ମନ୍ଦିର ନିକଟ ପୋଲ କଂକ୍ରିଟ୍ ବାଡ଼ରେ ଭାରସାମ୍ୟ ହରାଇ ପିଟି ହୋଇ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସଦର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବାପୁଜୀ କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୧୯।୧୨:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବପଡ଼ା ଗ୍ରାମରେ ରୟାଲ ଟାଇଗର କ୍ରିକେଟ କ୍ଲବର ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁରେଶ ପଣ୍ଡା, ସମ୍ମାନିତ ଅତିଥି ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଦିନାଦଶ କ୍ଲବ କଟକ ପ୍ରଥମେ ବ୍ୟାଟିଂ କରି ୨୦୩ ରନ୍ କରିଥିଲା। ଜବାବରେ ବାପୁଜୀ ସ୍ପୋର୍ଟସ୍ କ୍ଲବ ଯାଜପୁର ୯ ଉଇକେଟ ହରାଇ ୨୦୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ମନ୍ମଥ ମଲ୍ଲ ୨୮ ବଲ୍‌ରୁ ସର୍ବାଧିକ ୭୩ ରନ୍ କରିଥିଲେ। ରାକେଶ ରୋଶନ ନାଥ, ପ୍ରଭାତ ଦେହୁରୀ ଅମ୍ପାୟାରିଂ କରିଥିବାବେଳେ ଗଗନ ନାୟକ, ପଞ୍ଚାନନ ମହାନ୍ତି, ନରେଶ ମହାନ୍ତି, ସିପୁ ପଣ୍ଡା, ଲିଙ୍କନ ଲେଙ୍କା, ରିଙ୍କୁ ବେହେରା, ସୁବ୍ରତ ନାୟକ, ରାଜୀବ ମଲ୍ଲିକ, ରଜନୀକାନ୍ତ ପାଣିଗ୍ରାହୀ, ସନ୍ତୋଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ବିକ୍ରମକେଶରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୧୯।୧୨:** ଢେଙ୍କାନାଳ ସୁରକ୍ଷା ସମିତି ପକ୍ଷରୁ ରବିବାର ଅପରାହ୍ନରେ ଜିଲା ସାମ୍ବାଦିକ ଭବନଠାରେ ବରିଷ୍ଠ ଖବରଦାତା ତଥା ବିଶିଷ୍ଟ ସାମାଜିକ କର୍ମୀ ବିକ୍ରମ କେଶରୀ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆବାହକ ପ୍ରିୟବ୍ରତ ଗଡ଼ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଶିଳ୍ପୀ ପରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଶ୍ରମିକ ନେତା ଯୋଗେନ୍ଦ୍ରନାଥ ତ୍ରିପାଠୀ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, କବି ମନୋରଞ୍ଜନ ନନ୍ଦ, ପ୍ରଦ୍ୟୁମ୍ନ ରଥ, ସମୀର ସାହୁ, ଲକ୍ଷ୍ମୀଧର ସାହୁ, ରବି ସିଂ, ଦୀପକ ପଟ୍ଟନାୟକ, ଦେବାଶିଷ ମିଶ୍ର, ନବକିଶୋର ଗୁରୁ, ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇ ବିକ୍ରମକେଶରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ସ୍ମୃତିରେ ଏକ ସ୍ମୃତିପରିଷଦ ଗଠନ ପାଇଁ ନିଷ୍ପତ୍ତି ହୋଇଛି।

### ଏଏପିର ମିଶ୍ରଣ ପର୍ବ

**ଢେଙ୍କାନାଳ ଅଫିସ, ୧୯।୧୨:** ଢେଙ୍କାନାଳ ସଦର ବ୍ଲକର ଜିତେନ୍ଦ୍ର ଜେନା, ବେଲଟିକିରି ପଞ୍ଚାୟତର ଅବସରପ୍ରାପ୍ତ ଅଗ୍ନିଶମ ଅଧିକାରୀ ସତ୍ୟାନନ୍ଦ ପଣ୍ଡାଙ୍କ ସମେତ ଅନ୍ୟ କେତେଜଣ ଯୁବକ ରବିବାର ଆମ୍ ଆଦମୀ ପାର୍ଟି (ଏଏପି)ରେ ଯୋଗଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସଭାପତି ଅରବିନ୍ଦ କେଜ୍‌ରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳୀୟ କାର୍ଯ୍ୟାଳୟଠାରେ ସେମାନେ ସଦସ୍ୟତା ଗ୍ରହଣ କରିଛନ୍ତି। ଜିଲା ଆବାହକ ପଙ୍କଜ ନାୟକ ସେମାନଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସମସ୍ୟା, ମହିଳା ସୁରକ୍ଷା, ରୋଜଗାର ସୃଷ୍ଟି ଏଏପିର ମୂଳ ଉଦ୍ଦେଶ୍ୟ। ଏହାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି।

# ପୁଛିପାଳ ହେବ ଆଦର୍ଶ ଗ୍ରାମ

- ପୋଷ୍ୟ ଗ୍ରହଣ କଲେ ବିଡିଓ
- ରାସ୍ତା ପାଇଁ ୧୦ଲକ୍ଷ ମଞ୍ଜୁର

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ଅପହଞ୍ଚ ପୁଛିପାଳ ହେବ ଆଦର୍ଶ ଗ୍ରାମ। ଅଞ୍ଚଳରେ ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ମୌଳିକ ସୁବିଧା ହାତପାଆନ୍ତାରେ ମିଳିବ। ଗ୍ରାମବାସୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ଉଦ୍ୟମ କରାଯିବ। ଶନିବାର ଗ୍ରାମ ପରିଦର୍ଶନ କରିବା ଅବସରରେ ଏଭଳି ଘୋଷଣା କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା, ସରକାରୀ ଯୋଜନାର ସଫଳ ରୂପାୟନ ଲାଗି ବିଡିଓ ବୁଲ୍‌ବୁଲ୍ ବେହେରା ପୁଛିପାଳକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି।

ପୁଛିପାଳରେ ପ୍ରାଥମିକ ଶିକ୍ଷା ଲାଗି ସ୍ୱତନ୍ତ୍ର ଭାବେ ୨ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯିବ। ପିଲାଙ୍କ ପୁଷ୍ଟିସାଧନ, ସ୍ୱାସ୍ଥ୍ୟ ପରୀକ୍ଷା, ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ଲାଗି ପ୍ରତି ମାସରେ ଅଧିକାରୀମାନେ ଗ୍ରାମକୁ ଯାଇ ସ୍ଥିତି ବୁଝିବେ। ଗ୍ରାମକୁ ସବୁଦିନିଆ ରାସ୍ତା ହେବ। ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଉନ୍ନତୀକରଣ କରାଯିବ। ଏକୁଲ, ସେକୁଲ, କୋଟ ଏବଂ ପୁଛିପାଳକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବାହିତ ନାଳ ଉପରେ ୫୦ ଲକ୍ଷ ଟଙ୍କାରେ ବ୍ରିଜ୍ ନିର୍ମାଣ ହେବ। ଆଭ୍ୟନ୍ତରୀଣ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ କଂକ୍ରିଟ୍ କରାଯିବ। ଏକୁଲ, ସେକୁଲ ଅଞ୍ଚଳରେ ଆର୍ଥିକ ପୁଞ୍ଜିପ୍ରବାହ ଲାଗି ଇକୋ ଟୁରିଜମ୍‌ର ବିକାଶ କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଅଞ୍ଚଳର ବିକାଶ ଲାଗି ଏକାଧିକ ବହୁମୁଖୀ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମସ୍ତଙ୍କୁ କାମ ଯୋଗାଇ ଦିଆଯିବ। ଫଳରେ ଲୋକମାନେ ରୋଜଗାର ଲାଗି ବାହାରକୁ ଯିବେନାହିଁ ବୋଲି ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲାପାଳ ଚିଲିରା ଗ୍ରାମ ଗସ୍ତ କରି ସେଠାକାର ଏସ୍‌ଏଚ୍‌ଜି ଦ୍ୱାରା କରାଯାଇଥିବା ପରିବା ଚାଷ କ୍ଷେତ୍ର ପରିଦର୍ଶନ କରି ପ୍ରଶଂସା କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗ ଓ ପୋଲିସ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।


ପୁଛିପାଳ ଗ୍ରାମବାସୀଙ୍କ ସହିତ ଜିଲାପାଳ ସରୋଜ କୁମାର ସେଠୀ ଆଲୋଚନା କରୁଛନ୍ତି।

# କୋଟିଏ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ

**ଭୁବନ, ୧୯।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ୫ ନୂତନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ତନ୍ମଧ୍ୟରେ ଅଫିସ୍ ମୁଖ୍ୟ ଫାଟକ, କର୍ମଚାରୀଙ୍କ କ୍ୱାର୍ଟର୍ସ, ଆଇସିଡିଏସ୍ କାର୍ଯ୍ୟାଳୟ, ନୂତନ ସଭାଗୃହ, ପରିସଂଖ୍ୟାନ କାର୍ଯ୍ୟାଳୟ ରହିଛି। ନୂତନ ସଭାଗୃହରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି ଏବଂ କର୍ମଚାରୀଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଆଶୀର୍ବାଦ ପରିଡ଼ା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ବକେୟା କାର୍ଯ୍ୟ ସାରିବା ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ନୂଆ ଭୁବନ ନୋଡାଲ ଉଚ୍ଚବିଦ୍ୟାଳୟର ପରିସରରେ ୫-ଟି ରୂପାନ୍ତରଣ କାର୍ଯ୍ୟ ସମ୍ପର୍କରେ ପରିଚାଳନା କମିଟି ଏବଂ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ।



ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

# ୧୦୯ ୟୁନିଟ୍ ରକ୍ତ ସଂଗ୍ରହ



**ବଁଅରପାଳ, ୧୯।୧୨(ଡି.ଏନ୍.ଏ.)**

ବଁଅରପାଳ ବ୍ଲକ ବଳରାମପ୍ରସାଦ ବସଲା ସାହିରେ ଅନୁଗୋଳ ନିର୍ବାଚନମଣ୍ଡଳୀ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୦୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ବିଜେଡି ନେତା ଅରୁଣାଭ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ଶିବରାମ ସାହୁ, ଭରତ ଚନ୍ଦ୍ର ମାଝି, ନିର୍ମଳ ସାହୁ, ସିଦ୍ଧାର୍ଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିବାବେଳେ ବସଲା ସାହିବାସୀ ସହଯୋଗ କରିଥିଲେ।

## ନ୍ୟାୟ ପାଇଁ ୨୫ବର୍ଷର ପୁଅକୁ ଧରି ଶାଶୁଘର ଆଗରେ ଧାରଣା

**ଢେଙ୍କାନାଳ ଅଫିସ, ୧୯।୧୨**

ନିର୍ଯାତନାର ଶିକାର ହୋଇଥିବା ଜଣେ ମହିଳା ନିଜର ୨୫ବର୍ଷର ପୁଅ ସହିତ ଶାଶୁଘର ଆଗରେ ଧାରଣାରେ ବସିବା ଘଟଣା ରବିବାର ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ମହିଳାଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନାରେ ନଂ. ୫୩୪/୨୧ରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଏସ୍‌ଡିପିଓ ବିକାଶ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲାର ସମ୍ପୃକ୍ତା ମହିଳା ୧୧ନଂ. ୱାର୍ଡ ଅଞ୍ଚଳରେ ୧୯୯୫ରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତେବେ ବିବାହର ୨ବର୍ଷ ପରେ ଶାଶୁଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେବା ସହିତ ବିଭିନ୍ନ ସମୟରେ ଘରୁ ବାହାର କରିଦେଉଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ହସ୍ତକ୍ଷେପ ପରେ ସେ ଶାଶୁଘରେ ବଡ଼ କଷ୍ଟରେ ରହି ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ବାପ ଘରକୁ ପଳାଇଥିଲେ। ଇତିମଧ୍ୟରେ ସ୍ୱାମୀ ଯୋଗାଯୋଗ କରିଥିଲେ ଏବଂ ଘରକୁ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ରକ୍ଷା କରି ନ ଥିବାରୁ ସେ ଶାଶୁଘର ସାମ୍ନାରେ ଧାରଣାରେ ବସିଥିବା କହିଛନ୍ତି। ଟାଉନ୍ ଥାନା ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲା। ଥାନାରେ ବିଧିବଦ୍ଧ ଭାବେ ଲିଖିତ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ମହିଳା ଧାରଣାରୁ ଉଠିଥିଲେ।

# କିମିଆ କରୁଛି କଣ୍ଢେଇ

**ଢେଙ୍କାନାଳ ଅଫିସ, ୧୯।୧୨**

ରଙ୍ଗବେରଙ୍ଗ କନାରେ ଢାଙ୍କି ହୋଇ ଆକର୍ଷଣୀୟ ଦେଖାଯାଉଛି ପ୍ଲାଷ୍ଟିକ୍ କଣ୍ଢେଇ। ରାସ୍ତାରେ ଯାଉଥିବା ଯାତ୍ରୀମାନେ ଏଭଳି ଚମତ୍କାର କାରିଗରି ଦେଖି ଅଟକି ଯାଉଛନ୍ତି ଘଡ଼ିଏ। ଏଭଳି ଭିନ୍ନ ଧରଣର କଣ୍ଢେଇ ତିଆରି କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ବାଲେଶ୍ୱରରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ଖଣ୍ଡାଇ ଅଞ୍ଚଳର ମୂଳନିବାସୀ ରଣଜିତ୍ ଜେନା (୬୪)।

ରଣଜିତ୍ ବିଭିନ୍ନ ସ୍ଥାନ ବୁଲି ବୁଲି କନା କଣ୍ଢେଇ ବିକ୍ରି କରୁଥିବାବେଳେ କିଛିଦିନ ହେଲା ଢେଙ୍କାନାଳ ସହର ଗଣେଶ ବଜାର ରାସ୍ତାପାର୍ଶ୍ୱରେ ବସି କରୁଛନ୍ତି ବ୍ୟବସାୟ। ଏ ସମ୍ପର୍କରେ ସେ କୁହନ୍ତି, ପଶ୍ଚିମବଙ୍ଗରେ ଜନ୍ମ ହୋଇଥିଲେ ହେଁ ସେ ଦୀର୍ଘଦିନ ହେଲା ବାଲେଶ୍ୱରରେ ସପରିବାର ରହୁଛନ୍ତି। ୨ ସନ୍ତାନଙ୍କ ମଧ୍ୟରୁ ଝିଅ ବାହାଘର ସରିଥିବାବେଳେ ୩୦ବର୍ଷର ପୁଅ ବେରୋଜଗାର। ପରିବାର ପ୍ରତିପୋଷଣ ପାଇଁ ସେ ଦୀର୍ଘଦିନରୁ ଫୁଲ ବ୍ୟବସାୟ କରୁଥିଲେ। ଏଥିସହ ବଜାରରୁ ପ୍ଲାଷ୍ଟିକ୍ କଣ୍ଢେଇ କିଣି ଏହାକୁ କନାରେ ଆକର୍ଷଣୀୟ ଢଙ୍ଗରେ ସଜାଇ ବିକ୍ରି କରୁଛନ୍ତି। ଗୋଟିଏ କଣ୍ଢେଇ ୧୫୦ ଟଙ୍କାରେ ବିକା ହେଉଛି। ଢେଙ୍କାନାଳ ସହର ସହିତ ଭାବନାତ୍ମକ ଭାବେ ସେ ଜଡ଼ିତ। ପ୍ରତିବର୍ଷ ପ୍ରସିଦ୍ଧ ଲକ୍ଷ୍ମୀପୂଜା ସମୟରେ ଏଠାକୁ ଆସି ସେ ଫୁଲ ବ୍ୟବସାୟ କରନ୍ତି। କରୋନା ସଂକ୍ରମଣ ସମୟରେ ଲକ୍‌ଡାଉନ ଯୋଗୁ ଜୀବନ ଜୀବିକା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଥିଲା। ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିଲା। ଏହାକୁ ନେଇ ସେ ଚିନ୍ତାରେ ପଡ଼ିଯାଇଥିଲେ। ଶେଷରେ କଣ୍ଢେଇ ବ୍ୟବସାୟକୁ ରୋଜଗାରର ପନ୍ଥା ଭାବେ ବାଛିଥିଲେ। କେବଳ ଏତିକି ନୁହେଁ, ସେ ରାଖୀ ମଧ୍ୟ ତିଆରି କରନ୍ତି। ଦୃଢ଼ ମନୋଭାବ, କଠିନ ଅଧ୍ୟବସାୟ ଏବଂ ଶିଖିବାର ଇଚ୍ଛା ଥିଲେ ପେଟ ଅପୂରା ରହିବ ନାହିଁ ବୋଲି ରଣଜିତ୍ କହିଛନ୍ତି।


କଣ୍ଢେଇ ସହ ରଣଜିତ୍।

- କନାରେ ନୂଆ ରୂପ ଦେଉଛନ୍ତି ରଣଜିତ୍
- ଗୋଟାକ ବିକ୍ରି ହେଉଛି ୧୫୦ ଟଙ୍କାରେ
- ଘର ସାଜସଜ୍ଜା ପାଇଁ ବଢ଼ୁଛି ଚାହିଦା

## ଜଗନ୍ନାଥ ହତ୍ୟା ମାମଲା: ବାପା, ପୁଅ ଗିରଫ

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ସଞ୍ଜୟପଲ୍ଲୀରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସଂଘଠିତ ଜଗନ୍ନାଥ ନାୟକ (୩୦) ହତ୍ୟାକାଣ୍ଡ ମାମଲାରେ ପୋଲିସ ଅଟକ ଅଭିଯୁକ୍ତ ତଥା ପଡ଼ୋଶୀ ରଥିଆ ନାୟକ ଓରଫ୍ ରଥ ଏବଂ ତାଙ୍କ ପୁଅ ରାକେଶ ନାୟକ ଓରଫ୍ ବାଦଲଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଏବଂ ଫାର୍ସା ଜବତ କରାଯାଇଛି। ଅଭିଯୁକ୍ତଙ୍କ ପରିବାରର ଅଟକ ଥିବା ୨ ମହିଳାଙ୍କୁ ଛାଡ଼ି ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜଗନ୍ନାଥ କାମରୁ ଫେରିବା ବେଳକୁ ପଡ଼ୋଶୀ ରଥିଆଙ୍କ ସହ ତାଙ୍କ ସ୍ତ୍ରୀଙ୍କ ଝଗଡ଼ା ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପଚାରିବାକୁ ଯାଇଥିବାବେଳେ ରଥିଆଙ୍କ ପରିବାର ଲୋକେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ନଂ. ୬୪୬/୨୧ରେ ଏକ ମାମଲା ରୁଜୁ କରାଯାଇଛି।

## ବିଡ଼ାନାସୀକୁ ହରାଇ ପିଏମ୍‌ସିଏ ବିଜୟୀ


କାଳିନ୍ଦୀ ଜେନାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ପୁରସ୍କାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୬ତମ ପ୍ରକାଶହରି ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ କଟକ ବିଡ଼ାନାସୀ ଦଳକୁ ୭୬ ରନ୍‌ରେ ପରାସ୍ତ କରି ତିଗିରିଆ ପିଏମ୍‌ସିଏ ଦଳ ବିଜୟୀ ହୋଇଛି। ତିଗିରିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୫୩ ରନ୍ ସଂଗ୍ରହ କରିଥିଲା। କାଳିନ୍ଦୀ ଜେନା ୨୮ ବଲ୍‌ରୁ ସର୍ବାଧିକ ୬୩ ରନ୍ କରିଥିଲେ। ଜବାବରେ ବିଡ଼ାନାସୀ ୧୮ ଓଭରରେ ୧୭୭ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। କାଳିନ୍ଦୀ ଜେନା ୪ ଓଭରରେ ୨୧ ରନ୍ ଦେଇ ୪ ଉଇକେଟ ନେଇ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଭବାନୀ ଶଙ୍କର ପାତ୍ର, ସବ୍ୟସାଚୀ ସାହୁ ଅମ୍ପାୟାରିଂ କରିଥିବାବେଳେ ଅଗ୍ନିଦୀପ ନାୟକ, ମହିମା ପ୍ରସାଦ ସାହୁ ସ୍କୋରର ରହିଥିଲେ। ଲଳିତ ମୋହନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲରେ ସ୍ଲାଇଲ କ୍ରିକେଟ କ୍ଲବ ତିଗିରିଆକୁ ଭେଟିବ।

**ପ୍ରକାଶହରି ମେମୋରିଆଲ କ୍ରିକେଟ୍**

# 'ଏକଜୁଟ୍ ହୁଅ, ରଣନୀତି ପ୍ରସ୍ତୁତ କର'

- ଭାଜପା ରାଜ୍ୟ ସଭାପତିଙ୍କ ଆହ୍ୱାନ
- ୧୨ ଦଫା ସମ୍ବଳିତ ଚିଠା ପ୍ରସ୍ତାବ ଆଗତ

**ଢେଙ୍କାନାଳ ଅଫିସ, ୧୯।୧୨**

କେନ୍ଦ୍ର ସରକାରଙ୍କ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଅ। ମମିତା ମେହେର ପ୍ରସଙ୍ଗକୁ ୱାର୍ଡସ୍ତରରେ ପହଞ୍ଚାଇ ଜନସଚେତନତା ସୃଷ୍ଟି କର। ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବା ରାଜ୍ୟ ସରକାରଙ୍କୁ କ୍ଷେତ୍ରସ୍ତରରୁ ଘେର। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳୀୟ ପାର୍ଥୀଙ୍କୁ ଜିତାଇବା ଲାଗି ଏକଜୁଟ୍ ହୁଏ ଏବଂ ଆଗୁଆ ରଣନୀତି ପ୍ରସ୍ତୁତ କର ବୋଲି ରବିବାର ଅନୁଷ୍ଠିତ ଢେଙ୍କାନାଳ ଜିଲା ଭାଜପାର ୪ର୍ଥ କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ ଦେଇଛନ୍ତି ଦଳର ରାଜ୍ୟ ସଭାପତି ସମୀର ମହାନ୍ତି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସମସ୍ୟା ଓ ଘଟଣା ନେଇ ୧୨ ଦଫା ସମ୍ବଳିତ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା।

ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର, ଏହାର ସିବିଆଇ ତଦନ୍ତ, ପିଏମ୍ ଆବାସରେ ହେର୍‌ଫେର, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ଜିଲା ଚିକିତ୍ସାଳୟରେ ଅସାମାଜିକଙ୍କ ଦୌରାତ୍ମ୍ୟ ବନ୍ଦ ଲାଗି ଫାଣ୍ଡି ପ୍ରତିଷ୍ଠା, ପାଣ୍ଠି ନ ଥାଇ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରି ଲୋକଙ୍କୁ ଭୂଆଁ ବୁଲାଇବା, ବ୍ରାଉନ୍‌ସୁଗାର କାରବାର ରୋକିବା, ହାତୀ ଉପଦ୍ରବ ରୋକିବା, ଫସଲ ନଷ୍ଟ କ୍ଷତିପୂରଣ ଦେବା, ମରଣଯନ୍ତା ପାଲଟିଥିବା ଭୁବନ କାଳୀବଜାର-ଜାତୀୟ ରାଜପଥ ରାସ୍ତା ମରାମତି, ବନ ବିଭାଗ ବନ୍ଦ କରିଥିବା ଧନିଆନାଳି-ଖଙ୍କିରା ରାସ୍ତା ଖୋଲିବା, ଠାକୁରାପାଳ ଆଶାକର୍ମୀଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ, ବିଦ୍ୟୁତ୍ ବିତରଣରେ ନିୟୋଜିତ ଟାଟା କମ୍ପାନୀର ମନୋମୁଖୀ କାର୍ଯ୍ୟକଳାପ ବିରୋଧରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ସମସ୍ୟା ପ୍ରତି ରାଜ୍ୟ ସରକାର ଏବଂ ପ୍ରଶାସନ ଦୃଷ୍ଟି ନ ଦେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଭାରୀ ପ୍ରଭାତୀ ପରିଡ଼ା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁନୀଲ ଶର୍ମା ଅତିଥି ପରିଚୟ ଦେଇଥିବାବେଳେ, ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ରାଜନୈତିକ ଚିଠା ପ୍ରସ୍ତାବ ଉପସ୍ଥାପନା କରିଥିଲେ। ପ୍ରାରମ୍ଭରେ ଦିବଂଗତ ସିଡିଏସ୍ ବିପିନ ରାୱତଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ।

# ହେଉନି ବଡ଼ବାବୁମାନଙ୍କ ବଦଳି

- କାର୍ଯ୍ୟକାରୀ କରାଯାଉନି ସରକାରୀ ନିର୍ଦ୍ଦେଶନାମା
- କିଏ ୩୦ ବର୍ଷ ତ କିଏ ୧୩ ବର୍ଷ ରହିଲେଣି
- ଜିଲା ସ୍ୱାସ୍ଥ୍ୟ ପ୍ରଶାସନରେ ବିଚିତ୍ର ବ୍ୟବସ୍ଥା

**ଅନୁଗୋଳ ଅଫିସ, ୧୯।୧୨**

ଅନୁଗୋଳ ଜିଲା କାର୍ଯ୍ୟାଳୟରେ ପାଳନ ହେଉଛି ସରକାରୀ ନିର୍ଦ୍ଦେଶନାମା। ବଦଳି ହେଉଛି ବଡ଼ବାବୁମାନଙ୍କର। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରାଯାଉଛି। ଏଠାରେ କେଉଁ ବଡ଼ବାବୁ ୩୦ ବର୍ଷ ରହିଲେଣି ତ ଆଉ କିଏ ୧୩ ବର୍ଷ। ଅନ୍ୟସ୍ଥାନକୁ ସେମାନଙ୍କ ବଦଳି ତ ଦୂରର କଥା, ବିଭାଗ ମଧ୍ୟ ପରିବର୍ତ୍ତନ କରାଯାଉ ନାହିଁ। ଏପରି କି ବେଳେବେଳେ ପ୍ରସ୍ତୁତ ହେଉଥିବା ବଦଳି ଫାଇଲକୁ ଚାପ ପକାଇ ଟେବୁଲ ତଳେ ପୂରାଇ ଦିଆଯାଉଛି।

ସରକାରୀ ନିୟମ ଅନୁଯାୟୀ, ଗୋଟିଏ ଚୌକିରେ କୌଣସି ବ୍ୟକ୍ତି ୩ ବର୍ଷରୁ ଅଧିକ ଓ ଗୋଟିଏ ଷ୍ଟେଶନ୍ (ବର୍ତ୍ତମାନ କାର୍ଯ୍ୟ କରୁଥିବା ସ୍ଥାନ)ରେ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିପାରିବେ ନାହିଁ। ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବ। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାକୁ ବେଖାତିର କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ଥିବା ସେକ୍ସନ୍ ଅଫିସର ଜ୍ୟୋତିରଞ୍ଜନ ପଟ୍ଟନାୟକ ୨୦୦୭ରେ ବରିଷ୍ଠ କିରାଣି ଭାବେ ଏଠାରେ ଯୋଗ ଦେଇଥିଲେ। ୨୦୧୦ରେ ପଦୋନ୍ନତି ପାଇ ସେ ସେକ୍ସନ୍ ଅଫିସର ହୋଇଥିଲେ। ହେଲେ ୧୩ ବର୍ଷ ହେଲା ଏହି ବଡ଼ବାବୁ ଏଠାରେ ଗାଦିମାଡ଼ି ବସିରହିଥିଲେ ମଧ୍ୟ ତାଙ୍କୁ ବଦଳି କରିବାକୁ ସ୍ୱାସ୍ଥ୍ୟ ପ୍ରଶାସନ ନିଷ୍ପତ୍ତି ନେଇପାରୁ ନାହିଁ। ସିନିୟର ଆସିଷ୍ଟାଣ୍ଟ ଏଡିଏମ୍‌ଓ (ପରିବାର କଲ୍ୟାଣ)ରେ କାର୍ଯ୍ୟ କରୁଥିବା ରଞ୍ଜନ କୁମାର ସାହୁ ୧୯୯୧ ମସିହାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛନ୍ତି। ୩୦ ବର୍ଷ ଏଠାରେ ରହି ସାରିଥିଲେ ମଧ୍ୟ



ତାଙ୍କୁ ବଦଳି କରାଯାଉ ନାହିଁ। ସେହିପରି ୨୦୧୨ରୁ ଜୁନିୟର ଆସିଷ୍ଟାଣ୍ଟ ସୁବ୍ରତ କୁମାର ବେହେରା, ୨୦୧୩ରୁ ଜୁନିୟର ଆସିଷ୍ଟାଣ୍ଟ ପ୍ରଶାନ୍ତ କୁମାର ପାଣି, ୨୦୧୩ରୁ ସିନିୟର ଆସିଷ୍ଟାଣ୍ଟ ଭାବେ ନୃସିଂହ ନାଏକ, ୨୦୧୩ରୁ ଜୁନିୟର ଆସିଷ୍ଟାଣ୍ଟ ସ୍ନେହଲତା ସାହୁ, ୨୦୧୪ରୁ ଜୁନିୟର ଆସିଷ୍ଟାଣ୍ଟ ଅଙ୍କିତା ସେଠୀ, ୨୦୧୭ରୁ ସିନିୟର ଆସିଷ୍ଟାଣ୍ଟ ଦୀପ୍ତି ରଞ୍ଜନ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲାର ୩ଟି ଉପଖଣ୍ଡ ଓ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜୁନିୟର ଆଶିଷ୍ଟାଣ୍ଟ ଏବଂ ସିନିୟର ଆସିଷ୍ଟାଣ୍ଟମାନେ ଅନ୍ୟତ୍ର ବଦଳି ହୋଇ ଯିବାକୁ ୧୦ ବର୍ଷ ହେବ ଆବେଦନ କରୁଛନ୍ତି। କାହାର ପାରିବାରିକ ସମସ୍ୟା ଅଛି ତ ଆଉ କାହାର ମେଡିକାଲ, ବ୍ୟକ୍ତିଗତ ଅସୁବିଧା ଥିବା ଦର୍ଶାଉଛନ୍ତି। କିନ୍ତୁ ଏହାକୁ ମେଡିକାଲ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସୂଚନା ଦେଇଛନ୍ତି।

### ବଦଳି ବ୍ୟବସ୍ଥା କରାଯିବ



"ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ପଦବୀରେ ଦୀର୍ଘଦିନ ହେଲା ଥିବା କର୍ମଚାରୀମାନଙ୍କ ବଦଳି ହୋଇ ନ ଥିବା ଖବର ମିଳିଛି। କରୋନା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଅଦଳ ବଦଳ କରାଯାଇ ନ ଥିଲା। ଏବେ ସେମାନଙ୍କ ବଦଳି ନେଇ ବ୍ୟବସ୍ଥା କରାଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ଟ୍ରାନ୍ସଫର ସିଜିନ ଆସିନି



"ମେଡିକାଲରେ ଦୀର୍ଘ ଦିନରୁ ଥିବା କର୍ମଚାରୀଙ୍କ ମ୍ୟୁଚୁଆଲ୍ ବଦଳି ହୋଇପାରିବ ନାହିଁ। ବଦଳି ଋତୁ ଆସିଲେ ଅଦଳବଦଳ କରାଯିବ। ଏହା ପୂର୍ବରୁ ଡିପିସି ବସି ପଦୋନ୍ନତି ପ୍ରଦାନ କରାଯିବା ପରେ ସେମାନଙ୍କୁ ଟ୍ରାନ୍ସଫର କରାଯିବାର ବ୍ୟବସ୍ଥା ହେବ।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ସିଡିଏମ୍‌ଓ

### ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ



"ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ୫-ଟି'ରେ ପ୍ରଥମେ ସ୍ୱାସ୍ଥ୍ୟ ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ହେଲେ ଅନୁଗୋଳ ମେଡିକାଲରେ କିଭଳି ରହୁଛି, ତାହା ବାବୁମାନଙ୍କ କାର୍ଯ୍ୟକାଳରୁ ବାରି ହୋଇପଡୁଛି। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ।

-ଭୂପେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

## ସଂକ୍ଷେପରେ

### ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ବଇଣ୍ଡା,୧୯।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କୋରାବ ବଙ୍ଗଳା ପରିସରରେ ରବିବାର ବିଜେଡି ପକ୍ଷରୁ ଏକ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ସଫଳତା ପାଇବ ଓ ସମସ୍ତ ଜିଲା ପରିଷଦ ପାର୍ଥୀ ବିଜୟୀ ହେବେ, ସେ ନେଇ କର୍ମୀମାନେ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘାସି ମହାକୁଡ, ମହେନ୍ଦ୍ର ସାହୁ, ବୁନୁ ରଣା, କ୍ଷୀରୋଦ ବଘାର, ନୀରଜକାନ୍ତ ସାହୁ, ପ୍ରଭାକର ପ୍ରଧାନ, କାଶୀନାଥ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

### ୨ ଜଣଙ୍କୁ ଅଟକ ରଖି ତଦନ୍ତ

**ବଇଣ୍ଡା,୧୯।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ ବାତ୍ରାଖୋଳ ଜଙ୍ଗଲ ନିକଟ ବିଲମାଳରେ ବାର୍ହା ପାଇଁ ବସାଯାଇଥିବା ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ଘଟଣାରେ ୨ ଜଣଙ୍କୁ ଅଟକ ରଖି ବନ ବିଭାଗ ତଦନ୍ତ ଚଳାଇଛି। ଏହି ଜଙ୍ଗଲରେ କିଛି ଦିନ ହେବ ଜନ୍ତୁ ଶିକାର ବଢ଼ିଥିବା ନେଇ ଗ୍ରାମବାସୀ ବହୁବାର ହଣ୍ଡପା ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ବାଘ ମୃତ୍ୟୁ ଘଟଣାରେ ତଦନ୍ତ ଜାରିରହିଛି। ସନ୍ଦେହରେ ୨ ଜଣ ୱାଚରଙ୍କୁ ଅଟକ ରଖାଯାଇଛି।

### ଘଣ୍ଟପଡ଼ା କ୍ଲବ ଚାମ୍ପିୟନ

**କଣିହାଁ,୧୯।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ଜରଡ଼ା ଗ୍ରାମ ନୂଆପଡ଼ିଆରେ ଚାଲିଥିବା ରାଧାକୃଷ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏନ୍‌ଟିପିସି ଜିତୁ ୱାରିୟର୍ସ ଓ ତାଳଚେର ଘଣ୍ଟପଡ଼ା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଘଣ୍ଟପଡ଼ା କ୍ଲବ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସରପଞ୍ଚ ସୁମିତ୍ରା ଦାସ, ସମିତି ସଭ୍ୟ ଜିତେନ୍ଦ୍ର ସାହୁ, କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ, ସାମାଜିକ କର୍ମୀ ସରୋଜ ସାହୁ, ଗ୍ରାମ ସଭାପତି ବିଶ୍ୱମୋହନ ରାଉଳ, ସମ୍ପାଦକ କୈଳାସ ସାହୁ, ଶ୍ରମିକ ନେତା ଅଭୟ କୁମାର ସାହୁ, ରଣଜିତ ସାମଲ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବ କର୍ମକର୍ତ୍ତା ଶୋଭେନ ସାହୁ, ରଞ୍ଜିତ ଦେହୁରୀ, ବିକାଶ ସାହୁ, ବିଭୂତି ସାହୁ, ବାପୁଜୀ ସାହୁ, ଲିଟୁନ ବେହେରା, ବିଭୂତି ଦେହୁରୀ, ଭୋଳେଶ୍ୱର ପ୍ରମୁଖ ସହଯୋଗ କରିଥିଲେ।

### ମହିଳା କର୍ମଚାରୀଙ୍କୁ ଧରି ସିକ୍ୟୁରିଟି ଗାର୍ଡ ଚମ୍ପଟ

**ଅନୁଗୋଳ ଅଫିସ, ୧୯।୧୨:** ଅନୁଗୋଳ ସହରସ୍ଥିତ ଏକ ଗାଡ଼ି ଶୋ'ରୁମ୍‌ରେ ସେଲ୍ସ ବିଭାଗରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଧରି ସୁରକ୍ଷା କର୍ମୀ ଚମ୍ପଟ ମାରିବା ଘଟଣା ରବିବାର ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇବା ପରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଛି। ଯୁବତୀଙ୍କଠାରୁ ସୁରକ୍ଷା କର୍ମୀଙ୍କ ବୟସ କମ୍ ଥିବା ଆଲୋଚନା ହେଉଛି।

### ମେଡିକାଲ ମ୍ୟାନେଜରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ, ୧୯।୧୨:** ଅନୁଗୋଳ ମେଡିକାଲକୁ ନେଇ ବିବାଦ ପିଛା ଛାଡୁ ନ ଥିବାବେଳେ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟ ଅସନ୍ତୋଷର କାରଣ ହେଉଛି। ଗତ ଗୁରୁବାର ମେଡିକାଲ ପରିସରରେ ଥିବା ନିର୍ମାଣାଧୀନ ଆଇସିୟୁ ବିଲ୍ଡିଂରୁ ପଡ଼ି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଚାଲୁ ରହିଥିବାବେଳେ ଦୁଇଦିନ ହେଲା ମେଡିକାଲ ମ୍ୟାନେଜରଙ୍କ ଦେଖା ମିଳୁନାହିଁ। ଡାକ୍ତରଖାନା ରେଷେଇଶାଳାରେ ତାଙ୍କ ଗାଡ଼ି ଥିବାବେଳେ ସେ କୁଆଡ଼େ ଯାଇଛନ୍ତି ସେ ନେଇ କୌଣସି କର୍ମଚାରୀଙ୍କ ନିକଟରେ ସୂଚନା ନାହିଁ। ଏପରି କି ନିଜ ଅନୁସ୍ଥିତି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ମଧ୍ୟ ମ୍ୟାନେଜର ଜଣାଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ହଠାତ୍ ସେ କୁଆଡ଼େ ଗଲେ ତାହା ଆଲୋଚନାର ବିଷୟ ହୋଇଥିବାବେଳେ ଯୋଗାଯୋଗ ସମ୍ଭବ ନ ହେବାରୁ ମ୍ୟାନେଜରଙ୍କ ମତାମତ ମିଳିପାରି ନାହିଁ। ଏ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଥିବାରୁ ମ୍ୟାନେଜରଙ୍କ ଉପସ୍ଥିତି ଅତି ଜରୁରୀ। ହେଲେ ସେ କାହାକୁ କିଛି ନ କହି ସେ ଅନୁପସ୍ଥିତି ରହିଛନ୍ତି।

## ନୈତିକ ଶିକ୍ଷା ବ୍ୟକ୍ତିତ୍ୱର ବିକାଶ କରେ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ବଇଣ୍ଡା,୧୯।୧୨(ଡି.ଏନ.ଏ.)**

ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ଉନ୍ନତି ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି। ଏହା ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ। କିଶୋରନଗର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ୧୯୫୨ ବ୍ୟାଚ ଛାତ୍ର ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। କିଶୋରନଗର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଓଡ଼ିଶା ସାହିତ୍ୟ ଏକାଡେମି ସଦସ୍ୟ ସଂଗ୍ରାମ କେଶରୀ ପୃଷ୍ଟି, ସୁପ୍ରଭା ସାହୁ, ମିଶ୍ର ପ୍ରଧାନ, ଶଶିଭୂଷଣ ପ୍ରଧାନ, ଡମ୍ବରୁଧର ପ୍ରଧାନ, ରେଣୁବାଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅରୁଣ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

**ବନ୍ତଲା,୧୯।୧୨(ଡି.ଏନ.ଏ.)**

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଏକ ଯୁଗ୍ମ ପ୍ରତିନିଧି ଦଳ ଶନିବାର ଅନୁଗୋଳ ଜିଲାର ସଦର ବ୍ଲକ ପରିଦର୍ଶନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ଗ୍ରାମୀଣ ଜୀବିକା ମିଶନ ମଧ୍ୟରେ ତୃଣମୂଳସ୍ତରରେ ସମନ୍ୱୟ ଓ ସହଯୋଗ ନିର୍ଦ୍ଧାରଣ ଏହି ପରିଦର୍ଶନର ଲକ୍ଷ୍ୟ ବୋଲି ସୂଚନା ମିଳିଛି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦନ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ଭୁବନେଶ୍ୱରର ଅଧିକାରୀ ଅଲିଭା ରାଉତ,



ଲୋକେଇପଶି ଶିବ ମନ୍ଦିର ପରିସରରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ କେନ୍ଦ୍ରୀୟ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ସାଗରିକା ପ୍ରଧାନ, ବିଏଲ୍‌ସି ଅକ୍ଷୟ କୁମାର ନାଏକ, ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପରେ ପ୍ରତିନିଧି ଦଳ ସଦର ବ୍ଲକ ବସଲା ପଞ୍ଚାୟତର ଲୋକେଇପଶି ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଭେଟି ଆଲୋଚନା କରିଥିଲେ। ବସଲା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରି ଆଶା, ଅଙ୍ଗନୱାଡି କର୍ମୀମାନଙ୍କୁ ଭେଟିଥିଲେ। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ପରେ ପ୍ରତିନିଧି ଦଳ ଫେରି ଯାଇଥିଲେ।

## ବିଧାନସଭା, ସଂସଦରେ ଦାବି ଉପସ୍ଥାପନ ନିଷ୍ପତ୍ତି

**ଅନୁଗୋଳ ଅଫିସ, ୧୯।୧୨**

ଭାରତୀୟ ଭାଷା ଆନ୍ଦୋଳନ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଗୋଳ ଉପକଣ୍ଠସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମାନସ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଓଡ଼ିଶା ପ୍ରଦେଶ ମାର୍ଗଦର୍ଶକ ପ୍ରସନ୍ନ କୁମାର ପାଟଶାଣି, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଶାନ୍ତ ବର୍ମା, ସୁଧାଂଶୁ ପାଲୋ, ମହାଦେବ ବେହେରା ଯୋଗ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜ୍ଜୁନ କୁମାର ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ବୈଠକରେ ଭୁବନେଶ୍ୱର, ପୁରୀ, ନୟାଗଡ, ଜଗତସିଂପୁର ସମେତ ଅନ୍ୟ ଜିଲାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମାତୃଭାଷାକୁ ନ୍ୟାୟାଳୟ ଭାଷା କରିବା ପାଇଁ ବିଧାନସଭା ଏବଂ ସଂସଦରେ ଦାବି ଉପସ୍ଥାପନ କରିବାକୁ ବିଧାୟକ ଓ ଏମ୍‌ପିମାନଙ୍କୁ ଭେଟି ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସଭାପତି ପ୍ରତିଭା ବର୍ମା, ରାଜ୍ୟ ମହିଳା ପ୍ରମୁଖ ସୁଦଶା ପଣ୍ଡା, ଉପସଭାପତି ବିପିନ ଜୟସିଂହ, ସୁଜିତ୍ କୁମାର ସ୍ୱାଇଁ, ସନ୍ତୋଷ ଦ୍ୱିବେଦୀ, ଯଦୁମଣି ସାହୁ, ପ୍ରତାପ ସାହୁ, ଅକ୍ଷୟ କୁମାର ପଟ୍ଟନାୟକ, ଇପ୍ସିତା ସାହୁ, ଜ୍ୟୋସ୍ନାମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବମୋର୍ଚ୍ଚା ମଣ୍ଡଳ କମିଟି ଗଠିତ

**ବଇଣ୍ଡା,୧୯।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଆଠମଲ୍ଲିକ ନଗର, କିଶୋରନଗର, ବଇଣ୍ଡା, ନାକିଚି, ଠାକୁରଗଡ଼ ମଣ୍ଡଳ କମିଟି ଗଠନ କରାଯାଇଛି। ଆଠମଲ୍ଲିକ ନଗର ମଣ୍ଡଳ ସାଧାରଣ ସମ୍ପାଦକ ଭାବେ ଶିବାଶିଷ ରାଉତ, ଉପସଭାପତି ପ୍ରଭାକର କଅଁର, ସୀତାଂଶୁ ଜ୍ୟୋତିଷରାୟ, କିଶୋରନଗର ମଣ୍ଡଳ ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, ଉପସଭାପତି ସୁମନ୍ତ ସ୍ୱାଇଁ, ସରୋଜ ପ୍ରଧାନ, ବଇଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ ଅମିତ ବିଶ୍ୱାଳ, ଉପସଭାପତି ମଣିସାଗର ପ୍ରଧାନ, ନିରଞ୍ଜନ ସାହୁ, ନାକିଚି ମଣ୍ଡଳ ସାଧାରଣ ସମ୍ପାଦକ ସତ୍ୟଜିତ ସାହୁ, ଉପସଭାପତି ରିପୁକାନ୍ତ ସାହୁ ଓ ଚୈତନ୍ୟ ପ୍ରଧାନ, ଠାକୁରଗଡ଼ ମଣ୍ଡଳ ସାଧାରଣ ସମ୍ପାଦକ ସୁମନ୍ତ ମହାପାତ୍ର, ଉପସଭାପତି ବିଭୂତି ଭୂଷଣ ସାହୁ ଓ ନରେନ୍ଦ୍ର ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଛି। ମନୋନୀତ କର୍ମକର୍ତ୍ତାମାନଙ୍କୁ ଭାଜପା ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ, ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ବିଶ୍ୱଜିତ ଗାଇଗରିଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ଶିକ୍ଷାନୀତି କାର୍ଯ୍ୟଶାଳା ଉଦ୍‌ଯାପିତ

**ଆଠମଲ୍ଲିକ,୧୯।୧୨(ଡି.ଏନ.ଏ.)**

ବଇଣ୍ଡା ସଙ୍କୁଳ ପକ୍ଷରୁ ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ ମୁଖ୍ୟ ଅତିଥି ଓ ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ୪ଟି ଶିଶୁ ମନ୍ଦିରର ମୋଟ ୬୮ ଗୁରୁମା ଗୁରୁଜୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସଚ୍ଚିଦାନନ୍ଦ ସାହୁ, ରବୀନ୍ଦ୍ରନାଥ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟଶାଳାରେ ଗିରିଶ ଚନ୍ଦ୍ର ବଡମାଳି, ବିରଞ୍ଚି ଦେହୁରୀ, ପ୍ରାଣବନ୍ଧୁ ମେଣ୍ଡୁଲୀ, ମନ୍ମଥ ମେହେର, ମଞ୍ଜୁଶ୍ରୀ ସାହୁ, ରଶ୍ମିତା ମିଶ୍ରଙ୍କ ସମେତ ରୁଦ୍ର ମୋହନ ହୋତା ପରିଚାଳନାର ତଦାରଖ କରିଥିଲେ।



କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥିମାନେ।

## ଆଧ୍ୟାତ୍ମିକତା ବିନା ସାହିତ୍ୟ ନାହିଁ

**ଅନୁଗୋଳ ଅଫିସ, ୧୯।୧୨**

ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରସ୍ଥିତ ଶରଦା ମଣ୍ଡପରେ ସାଂସ୍କୃତିକ କଳାପରିଷଦର ସାମ୍ବତ୍ସରିକ ସମ୍ମେଳନ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ସୀତାରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ସମ୍ପାଦକ ସଦାନନ୍ଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଶାନ୍ତନୁ କୁମାର ସର କହିଥିଲେ, ଆଧ୍ୟାତ୍ମିକତା ବିନା ସାହିତ୍ୟ ମୂଲ୍ୟହୀନ। ଗୋଲାପ ନନ୍ଦ, ମନୋଜା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁନ୍ଦରଗଡ଼, ଢେଙ୍କାନାଳ, କଟକ, ଦେବଗଡ଼ ଓ ଅନୁଗୋଳ ଜିଲାର କବିମାନେ ସ୍ୱରିତ କବିତା ଆବୃତ୍ତି କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ପାରଦର୍ଶିତା ହାସଲ କରିଥିବା ଦଶଜଣ ବ୍ୟକ୍ତିଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ବିନାୟକ ମିଶ୍ର ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିଲେ।

## ଜେନେରାଲ ସେକ୍ରେଟାରି ଇଲେଭେନ ଚାମ୍ପିୟନ

**ବଅଁରପାଳ,୧୯।୧୨(ଡି.ଏନ.ଏ.)**

ନାଲ୍‌କୋ ଅଫିସର୍ସ କ୍ଲବ ପକ୍ଷରୁ ଆୟୋଜିତ ଅଫିସର୍ସ କ୍ଲବ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ପ୍ରେସିଡେଣ୍ଟ ଇଲେଭେନ ଓ ଜେନେରାଲ ସେକ୍ରେଟାରି ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ପ୍ରେସିଡେଣ୍ଟ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮୬ ରନ ସଂଗ୍ରହ କରିଥିଲା। ଜବାବରେ ସେକ୍ରେଟାରି ଇଲେଭେନ ୧୩ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଇଡି ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଓ ମହାପ୍ରବନ୍ଧକ ତପନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସାଧାରଣ ସମ୍ପାଦକ ପ୍ରଭାତ କୁମାର ପାଢ଼ି, ରଜନିଶ ଗୁପ୍ତା, କ୍ରିଷ୍ଣା ପାହାଡ଼, ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଡିଆର୍‌ଏମ୍‌ଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

**ବଇଣ୍ଡା,୧୯।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେଶନରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଶନିବାର ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ରେଳବାଇ ସମ୍ବଲପୁର ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଇଣ୍ଡା ଷ୍ଟେଶନ ମାଷ୍ଟର ଉମେଶ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିୱାଲା, ଅରବିନ୍ଦ ସାହୁ, ଜିତେନ୍ଦ୍ର ବେହେରା, ପ୍ରଶ୍ନ ବେହେରା, ପ୍ରଣୟ ଦେହୁରୀଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ଷ୍ଟେଶନ ମାଷ୍ଟରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମବାସୀ ଦର୍ଶାଇଛନ୍ତି, ବଇଣ୍ଡା ଷ୍ଟେଶନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅସୁରକ୍ଷିତ ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱ ସଫା ହେଉ ନ ଥିବାବେଳେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡ଼ିଛି। ଏପରି କି ସୋଲାର ଲାଇଟ୍‌ଗୁଡ଼ିକ ମଧ୍ୟ ସପ୍ତାହେ ପରେ ଆଉ ଜଳୁନାହିଁ। ଫଳରେ ରାତିରେ ଅନ୍ଧକାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ବଢ଼ୁଛି। ଯାତ୍ରୀମାନେ ଲୁଟ୍‌ପାଟର ଶିକାର ହେଉଛନ୍ତି। ସେହିପରି ଷ୍ଟେଶନ ପରିସରରେ ଥିବା ଶୌଚାଳୟ, ପ୍ଲାଟଫର୍ମ ପରିଷ୍କାର କରାଯାଉ ନାହିଁ। ଏ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ। ଷ୍ଟେଶନ ମାଷ୍ଟର ଉମେଶ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଦାବିଗୁଡ଼ିକୁ ସମୀକ୍ଷା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ।



ବଇଣ୍ଡା ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜଣେ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୯।୧୨**

ଅନୁଗୋଳ ଜିଲାରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୦୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତ ଜଣଙ୍କ କଣିହାଁ ବ୍ଲକର ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

